(୨୦)

ଅଦ୍ୟ ତାରିଖ ୨୧/୦୧/୨୦୨୫, ସମୟ ପୂର୍ବାହ୍ନ ୧୦:୩୦ ଘଟିକାରେ ନୂଆପଡା ପଞ୍ଚାୟତ ସମିତିର ଅଧ୍ୟକ୍ଷା ମହୋଦୟା ଶ୍ରୀମତୀ ତାରେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ଗୃହ ଠାରେ ଏଗାର ତମ ସାଧାରଣ ବୈଠକ ଅନୁଷ୍ଠିତ କରାଗଲା । ସର୍ବ ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀ ରୋହିତ ଭୋଲ ଉପସ୍ଥିତ ସମସ୍ତ ଲୋକ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ନୂଆପଡ଼ା ପଂଚାୟତ ର ବିକାଶ ଉପରେ ସଭାକୁ ଅବଗତ କରାଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁରୋଧ କ୍ରମେ ସଭାପତି ମହୋଦୟା ଶ୍ରୀମତୀ ସାହୁ ଉପସ୍ଥିତ ସମସ୍ତ ମଞ୍ଚାସୀନ ଅଧିକାରୀ ବୃନ୍ଦ, ସମସ୍ତ ପଂଚାୟତ ସମିତି ସଦସ୍ୟ, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ/ ସଭ୍ୟା ଓ ସମସ୍ତ ସରକାରୀ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆସନ୍ତା ଆର୍ଥିକ ବର୍ଷ ୨୦୨୫-୨୬ ର ବ୍ଲକ ସ୍ତରୀୟ ବାର୍ଷିକ ଯୋଜନା ବାବଦରେ ସଂକ୍ଷିପ୍ତରେ ସଭାକୁ ଜଣାଇଥିଲେ । ନୂଆପଡ଼ା ପଂଚାୟତ ର ଆହୁରି ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ତତପଶ୍ଚାତ ଅଧକ୍ଷା ମହୋଦୟା ଙ୍କ ଅନୁରୋଧ କ୍ରମେ ଉପାଧକ୍ଷ ମହୋଦୟ ଶ୍ରୀ ଦିଲିପ ନିର୍ମଲକର ମଧ ଆଗାମୀ ଆର୍ଥିକ ବର୍ଷର ବାର୍ଷିକ ଯୋଜନା ଉପରେ ସଂକ୍ଷିପ୍ତରେ ସଭାକୁ ଜଣାଇଥିଲେ । ସରକାରଙ୍କ ନିର୍ଦ୍ଧାରିତ ୦୯ ଗୋଟି THEME କୁ ଧ୍ୟାନରେ ରଖି ବାର୍ଷିକ ଯୋଜନା ପ୍ରସ୍ତୁତ କରାଯିବ ବୋଲି ସୂଚିତ କରିଥିଲେ । ତତପଶ୍ଚାତ, ଅଧକ୍ଷା ମହୋଦୟା ଙ୍କ ଅନୁରୋଧ କ୍ରମେ ମାନ୍ୟବର ବିଧାୟକ ଙ୍କ ପ୍ରତିନିଧି ଶ୍ରୀ ଚନ୍ଦ୍ରକାନ୍ତ ଠାକୁର, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଭାନୁ ପ୍ରତାପ ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଭରତ ଲାଲ ରାଉତ, ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଉମା ଠାକୁର ଉପସ୍ଥିତ ସମସ୍ତ ଲୋକ ପ୍ରତିନିଧି ଓ ସରକାରୀ କର୍ମଚାରୀ ଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂଆପଡ଼ା ବ୍ଲକ ର ଆହୁରି ବିକାଶ ରେ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ସରକାର ଙ୍କ ବିଭିନ୍ନ ବିଭାଗରେ ଅନେକ ଯୋଜନା ଅଛି, ସେ ସବୁ ଯୋଜନା କୁ ସଫଳ କରିବା ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ ।

ପଂଚାୟତ ସମିତି ଅଧକ୍ଷାଙ୍କ ଅନୁମତି କ୍ରମେ ବୈଠକ କାର୍ଯ୍ୟସୂଚୀ ଅନୁଯାଇ ଆରମ୍ଭ କରାଗଲା ।

ପ୍ରସ୍ତାବ ନମ୍ବର ୦୧- ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରିଣୀ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ ଓ ପୂର୍ବ ବୈଠକର ବିବରଣୀକୁ ସମସ୍ତଙ୍କ ସହମତି କ୍ରମେ ଦୃଢୀ କରଣ କରାଗଲା ।

ପ୍ରସ୍ତାବ ନମ୍ବର ୦୨- ଜାମପାଣି ପଞ୍ଚାୟତ ସମିତି ସଭ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ତିନି ଗୋଟି ପ୍ରଶ୍ନ ପଚାରିଥିଲେ ଓ ତାହାର ଉତ୍ତର ପାଇଁ ନିବେଦନ କରିଥିଲେ । ପ୍ରଥମେ ପଚାରିଥିଲେ ଯେ, କିଛି ଦିନ ପୂର୍ବରୁ ଓଡ଼ିଶା ସରକାର ଙ୍କ ରାଜସ୍ୱ ମନ୍ତ୍ରୀ ଆସିଥିଲେ ଓ ସେଠାରେ old ଭତ୍ତା ର ବ୍ୟବସ୍ଥା ଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ସରପଞ୍ଚ ଓ ପଂଚାୟତ ସମିତି ସଭ୍ୟ/ ସଭ୍ୟା ଙ୍କୁ ନିମନ୍ତ୍ରିତ କରାଯାଇ ନ ଥିଲା । ତେଣୁ, ସମସ୍ତ ସରପଞ୍ଚ ଓ ପଂଚାୟତ ସମିତି ସଭ୍ୟ/ ସଭ୍ୟା କ୍ଷୋଭ ପ୍ରକାଶ କରିଥିଲେ । ପୂର୍ବ ବୈଠକରେ ନିଷ୍ପତ୍ତି ନେବା ସତ୍ତ୍ୱେ ସପ୍ତାହ ର ମଙ୍ଗଳ ବାର ଓ ଶୁକ୍ର ବାର ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ଯନ୍ତ୍ରୀ ଅଫିସ ସମୟରେ ଅଫିସ ଗୃହେ କାହିଁକି ବସୁନାହାଁନ୍ତି ବୋଲି ପ୍ରଶ୍ନ କରିଥିଲେ । କନିଷ୍ଠ ଯନ୍ତ୍ରୀ ମାନେ ଅଫିସ ରେ ବସି ନିଜ ନିଜ ଘରେ ବସି ଅଫିସ କାମ କରୁଛନ୍ତି । ଯାହା ଅଫିସ ନିୟମ ଅନୁଯାୟୀ ଠିକ ନୁହଁ ବୋଲି ପୂର୍ବ ବୈଠକ ରେ ଆଲୋଚନା କରାଯାଇ ଅଫିସ ସମୟରେ ଅଫିସ ରେ ବସି କାମ କରିବେ ବୋଲି ନିଷ୍ପତ୍ତି ନିଆ ଯାଇଥିଲା । କିନ୍ତୁ, ତାହା ଏ ଯାଏଁ ହୋଇପାରିଲା ନାହିଁ । ପୁନଶ୍ଚ ଜାମପାଣି ପଞ୍ଚାୟତ ସମିତି ସଭ୍ୟ ପଚାରିଥିଲେ ଯେ ବ୍ଲକ ର ସମସ୍ତ ଉନ୍ନୟନ କାମ ବିଭାଗୀୟ ବ୍ୟବସ୍ଥା ରେ ହେଉଅଛି। ଯାହାର work order ପଂଚାୟତ ନିର୍ବାହୀ ଅଧିକାରୀ କିମ୍ବା କନିଷ୍ଠ ଯନ୍ତ୍ରୀ ଙ୍କୁ ଦିଆଯାଇଥାଏ ଓ ତଦନୁଯାୟୀ କାମ ସରିଲା ପରେ ପାଉଣା ବ୍ୟବସ୍ଥା ମଧ କରାଯାଇ ଥାଏ । କିଛି ଦିନ ପୂର୍ବରୁ ନୂଆପଡ଼ା ବ୍ଲକ ର କନିଷ୍ଠ ଯନ୍ତ୍ରୀ ଶ୍ରୀ ମନୋଜ କୁମୁରା ଯିଏ ଦୁଇ ବର୍ଷ



Scanned with OKEN Scanner

ପୂର୍ବରୁ କୋମନା ବ୍ଲକ ରେ କାମ କରୁଥିଲେ, ତାଙ୍କୁ ଚାକିରୀରୁ ସସପେଣ୍ଡ କରିଛନ୍ତି । ଏହା ଉପରେ ବ୍ଲକ ର ପଦକ୍ଷେପ କଣ ହେବା କଥା ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ପଚାରିଥିଲେ ।

ଉପରୋକ୍ତ ପ୍ରଶ୍ନ ଉପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଭା ଜଣାଇଥିଲେ ଯେ, ରାଜସ୍ୱ ମନ୍ତ୍ରୀ ଙ୍କ ଗସ୍ତ ପ୍ରୋଗ୍ରାମ ଜିଲ୍ଲା ସ୍ତରୀୟ ହୋଇଥିବାରୁ ସରପଞ୍ଚ ଓ ସମିତି ସଦସ୍ୟ ଙ୍କୁ ନିମନ୍ତ୍ରିତ କରାଗଲା ନାହିଁ । ଅଧ୍ୟକ୍ଷା ମହୋଦୟାଙ୍କୁ ଜିଲ୍ଲା ସ୍ତରରୁ ନିମନ୍ତ୍ରଣ ଦିଆଯାଇଥିଲା । ସପ୍ତାହ ର ମଙ୍ଗଳ ବାର ଓ ଶୁକ୍ର ବାର ରେ କ୍ଷେତ୍ର ପରିଦର୍ଶନ ନ କରି ଅଫିସ ଗୃହରେ ରହିବା ଉପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଲେ ଯେ ଜିଲ୍ଲାପାଳ, ନୂଆପଡ଼ା ଙ୍କ ନିର୍ଦ୍ଦେଶ କରିଛନ୍ତି ଯେ, ଦିନ ର ପ୍ରଥମ ଭାଗରେ କ୍ଷେତ୍ର ପରିଦର୍ଶନ ଓ ଦ୍ୱିତୀୟ ଭାଗରେ ଅଫିସ ଗୃହ ରେ ରହି କାମ କରାଯିବ । ତେଣୁ, ପ୍ରତ୍ୟେକ ଦିନ କ୍ଷେତ୍ର ପରିଦର୍ଶନ କରିବାକୁ ଯାଉଛୁ । କିନ୍ତୁ ଦିନର ଦ୍ୱିତୀୟ ଭାଗରେ ଅଫିସ ଗୃହ ରେ ଅଧିକ ସମୟ ଯାଏଁ କାମ କରାଯାଉଅଛି । କନିଷ୍ଠ ଯନ୍ତ୍ରୀ ଶ୍ରୀ ମନୋଜ କୁମ୍ଭରା ଙ୍କ ଚାକିରି ବାବଦରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଲେ ଯେ, ସମସ୍ତ ବ୍ଲକ ରେ ଉନ୍ନୟନ କାମ ବିଭାଗୀୟ ବ୍ୟବସ୍ଥା ରେ ହେଉଅଛି । କନିଷ୍ଠ ଯନ୍ତ୍ରୀ ମନୋଜ କୁମ୍ଭରା ଙ୍କ ଚାକିରି ସମସ୍ୟା ଅନ୍ୟ କୌଣସି କାରଣ ରୁ ହୋଇଥିବ ତାହା ଜିଲ୍ଲା ପରିଷଦ ଅଫିସ ରୁ ଜଣା ପଡିବ ।

ଆଗକୁ ଯେ କୌଣସି ପ୍ରୋଗ୍ରାମ ହୁଏ, ଯେଉଁ ଠାରେ ଗ୍ରାମ ପଞ୍ଚାୟତ ର କୌଣସି ଯୋଜନା ର work order ବା santioned order ଦିଆ ଯାଏ, ତେବେ ସେ ପ୍ରୋଗ୍ରାମ ରେ ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟ ଙ୍କୁ ସୂଚିତ କରିବା ପାଇଁ ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ନିବେଦନ କରିଥିଲେ ।

ଉପାଧ୍ୟକ୍ଷ, ନୂଆପଡ଼ା ପଂଚାୟତ ସମିତି ସଭା ରେ ନିଜର ମତ ରଖିଥିଲେ ଯେ, ସମସ୍ତ ଗ୍ରାମବାସୀ ଙ୍କ ସୁବିଧା ଓ ନୂଆପଡ଼ା ବ୍ଲକ ର ବିକାଶ ପାଇଁ ଯେଉଁ ଯେଉଁ ପ୍ରସ୍ତାବ ବୈଠକ ଗୁଡିକରେ ଗୃହୀତ ହୋଇଥାଏ, ତାହା ସମ୍ପୂର୍ଣ୍ଣ ରୂପେ ପାଳନ କରାଯାଉ ନାହିଁ, ଏହା ଉପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମେତ ସମସ୍ତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ବିଶେଷ ଧ୍ୟାନ ଦେବା ପାଇଁ ଅନୁରୋଧ କରିଥିଲେ । ବେଲଚୁକ୍ରି ସମିତି ସଭ୍ୟ ସଭାକୁ ଅବଗତ କରାଇଥିଲେ ଯେ, ଟାନୱାଟ ଗ୍ରାମ ପଂଚାୟତ ର କନିଷ୍ଠ ଯନ୍ତ୍ରୀ ଶ୍ରୀ ଚୈତନ ଦୀପ ବିଲ କରୁ ନାହାନ୍ତି । ପୂର୍ବ ବୈଠକରେ ନୂଆପଡ଼ା ପଂଚାୟତ ଅଧିନସ୍ତ ସମସ୍ତ ଦୋକାନ ର ସମ୍ପୂର୍ଣ୍ଣ ରିପୋର୍ଟ ସ୍ଥାପନ କରିବା ପାଇଁ ଅନୁରୋଧ ସତ୍ୱେ ଆଜି ଯାଏଁ ହୋଇପାରିଲେ ନାହିଁ । ଆର୍ଥିକ ବର୍ଷ ର ୨୦୨୫-୨୬ ର BPDP ପ୍ରସ୍ତୁତ ହେବାକୁ ହେଲାଣି କିନ୍ତୁ ପୂର୍ବ ବର୍ଷ ର ଅନୁମୋଦନ ହୋଇଥିବା ପ୍ରକଳ୍ପ ଗୁଡିକର ଫାଇଲ ଏ ଯାଏଁ ଖୋଲା ଯାଇ ନାହିଁ । ଜାମପାଣି ସମିତି ସଭ୍ୟ, ଭଇଁସାତାଲ ସରପଞ୍ଚ, ବେଲଚୁକ୍ରି ସମିତି ସଭ୍ୟ, ସାରାବଙ୍ଗ ସମିତି ସଭ୍ୟା, ଟାନୱାଟ ସମିତି ସଭ୍ୟା, ଡୁମେରପାଣି ସମିତି ସଭ୍ୟ କହିଥିଲେ ଯେ ସମସ୍ତ ସମିତି ସଭ୍ୟ/ ସଭ୍ୟା ଓ ସରପଞ୍ଚ ଙ୍କୁ ଅଫିସ ନିୟମାବଳୀ ଅନୁଯାୟୀ ଉଚିତ ବ୍ୟବହାର ସହିତ କଥା ହେବା ପାଇଁ ସମସ୍ତ ସରକାରୀ କର୍ମଚାରୀ/ ଅଧିକାରୀ ଙ୍କୁ ଅନୁରୋଧ କରିଥିଲେ ।

**ପ୍ରସ୍ତାବ ନମ୍ବର-୦୩ (ଖାଉଟି ବିଭାଗ)-** ଅଦ୍ୟ ବୈଠକରେ ବିଭାଗୀୟ ଅଧିକାରିଣୀ ଶ୍ରୀମତୀ ଶୁଭର୍ସି ଦାଶ ନିଜ ବିଭାଗ ର କାମ ଉପରେ ସଭାକୁ ଅବଗତ କରାଇଥିଲେ । ଜାମପାଣି ସମିତି ସଭ୍ୟ ସଭାକୁ ଜଣାଇଥିଲେ ଯେ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ର ଜଣେ ବିଧବା ମହିଳା ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ସରକାର ଙ୍କ ସ୍ୱାସ୍ଥ୍ୟ କାର୍ଡ ର ସହାୟତା ପାଇଁ ଗୁହାରି କରିଥିଲେ କିନ୍ତୁ ବିଭାଗୀୟ ଅଧିକାରିଣୀ ବିଲକୁଲ ସହଯୋଗ କରି ନ ଥିବାରୁ ସେହି ମହିଳା ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା । ତାଙ୍କୁ ସହଯୋଗ କାହିଁକି କରି ନ ଥିଲେ ବୋଲି ଜାମପାଣି ସମିତି ସଭ୍ୟ, ଭଇଁସାତାଲ ସରପଞ୍ଚ, ବେଲଚୁକ୍ରୀ ସମିତି ସଭ୍ୟ, ଡୁମେରପାଣି ସମିତି ସଭ୍ୟ ପ୍ରଶ୍ନ କରିଥିଲେ । ଉକ୍ତ ପ୍ରଶ୍ନ ଉପରେ ବିଭାଗୀୟ ଅଧିକାରିଣୀ ସଭାକୁ ଜଣାଇଥିଲେ ଯେ, ବର୍ତ୍ତମାନ ନୂଆ କାର୍ଡ ତିଆରି ହେବା ବନ୍ଦ ଅଛି । ତେଣୁ, କୌଣସି ଖାଉଟି କାର୍ଡ ନୂଆ



Scanned with OKEN Scanner

ତିଆରି ହେଉନାହିଁ କି ସଂଯୋଗି କରଣ ମଧ୍ୟ ହେଉ ନାହିଁ । ସାଲିହା ସରପଞ୍ଚ, ସାରାବଙ୍ଗ ସମିତି ସଭ୍ୟା, ଜାମପାଣି ସମିତି ସଭ୍ୟ, ଧରମବନ୍ଧା ସରପଞ୍ଚ ସମସ୍ତେ କହିଲେ କି, ପୂର୍ବ ରୁ ବହୁତ ଗୁଡ଼େ ନୂଆ ଖାଉଟି କାର୍ଡ ହୋଇଅଛି । ଗତ ୨-୩ ବର୍ଷ ହେଲାଣି ଖାଉଟି କାର୍ଡ ର ପୋର୍ଟାଲ ବନ୍ଦ ଅଛି ବୋଲି ଶୁଣି ଆସୁଛୁ, କିନ୍ତୁ ବ୍ଲକ ଅଫିସ ରେ ବହୁତ ଗୁଡ଼େ କାର୍ଡ ଏହା ଭିତରେ ହୋଇଅଛି । ତାର ସମ୍ପୂର୍ଣ୍ଣ ତାଲିକା ଉପସ୍ଥାପନ କରିବା ପାଇଁ ସମସ୍ତେ ଦାବି କରିଥିଲେ । ଧରମବନ୍ଧା ସରପଂଚ କହିଥିଲେ ଯେ, ଯେଉଁ ବୃଦ୍ଧ ବ୍ୟକ୍ତି ଙ୍କ finger print ଅସୁବିଧା ଅଛି, ତାଙ୍କୁ by-pass ମାଧ୍ୟମରେ ଖାଉଟି ସାମଗ୍ରୀ ବହୁତ ଡେରି ରେ ଦିଆଯାଉଅଛି ଓ ଏହି ସମସ୍ୟା ପ୍ରତି ମାସେ ଦେଖାଯାଉଛି । ଲୋକମାନେ ବହୁତ ଅସୁବିଧା ଭୋଗ କରୁଛନ୍ତି ବୋଲି ସଭାକୁ ଜଣାଇଥିଲେ ଓ ଏହାର ସମାଧାନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଅନୁରୋଧ କରିଥିଲେ । ବେଲଟୁକ୍ରି  ସମିତି ସଭ୍ୟ କହିଥିଲେ ଯେ, ଯେଉଁ ଗ୍ରାମ ପଂଚାୟତ ର ଭେକେନ୍ସି ହେଉଅଛି, ସେହି ଗ୍ରାମ ପଂଚାୟତ ର ହି ପୂରଣ କରାଯାଉ । E-migration card ଉପରେ ପ୍ରଶ୍ନ କଲା ରୁ ବିଭାଗୀୟ ଅଧିକାରିଣୀ କହିଥିଲେ ଯେ, migration list ଶ୍ରମ ବିଭାଗ ତରଫରୁ ଆସିଅଛି ତାହା ମାନ୍ୟବର ସୁପ୍ରିମ କୋର୍ଟ ର ନିର୍ଦ୍ଦେଶ ଥିଲା । E-migration card ର ପୁନର୍ବାର field verification କରିବା ପାଇଁ ସମସ୍ତେ ଦାବି କରିଥିଲେ । ଏହାର ତଦାରଖ ପାଇଁ ଅତି ଶୀଘ୍ର ତଦାରଖ କମିଟି ଗଠନ କରି ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରିଣୀ ଙ୍କୁ ଅନୁରୋଧ କରାଗଲା । ତଦାରଖ କମିଟି ରେ ପାଞ୍ଚ ଜଣ ସରପଞ୍ଚ ପାଞ୍ଚ ଜଣ ସମିତି ରହିବେ ବୋଲି ସମସ୍ତେ ଦାବି ରଖିଥିଲେ । ସାଲିହା ସରପଞ୍ଚ ପରାମର୍ଶ ଦେଲି କି E-migration card ର ଉପଯୁକ୍ତ ହିତାଧିକାରୀ ଚୟନ ଗ୍ରାମ ପଂଚାୟତ ମାଧ୍ୟମରେ ଆସିଲେ ଉପଯୁକ୍ତ ଲୋକ ଉପକୃତ ହେବେ ।  ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମାଝୀ କହିଥିଲେ ଯେ, କୋଟେନଚୁଆଁ ଗ୍ରାମ ପଂଚାୟତ ର ଜଣେ ଶିକ୍ଷକ ଶ୍ରୀ ଅନିଲ ଅଘରିଆ ଯିଏ ବରଗଡ଼ ଜିଲ୍ଲା ର, ତାଙ୍କ ପାଖରେ ଖାଉଟି କାର୍ଡ ଅଛି, ତାଙ୍କ ସ୍ତ୍ରୀ ଙ୍କୁ ଅଙ୍ଗନୱାଡି ସହାୟିକା ଚାକିରି ମଧ୍ୟ ଦିଆଯାଇଛି । ସରକାରୀ ଚାକିରି ଥାଇ କି ଖାଉଟି କାର୍ଡ କିପରି ଯୋଗାଇ ଦିଆଯାଇଅଛି, ଏହା ଉପରେ ତୁରନ୍ତ ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସମସ୍ତେ ଦାବି କରିଥିଲେ ।

ଉପରୋକ୍ତ ସମସ୍ୟା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରିଣୀ ଙ୍କୁ ସମସ୍ତ ମଞ୍ଚାସୀନ ବୃନ୍ଦ ଅନୁରୋଧ କରିଥିଲେ ।

**ପ୍ରସ୍ତାବ ନମ୍ବର-୦୪ (ସ୍ୱାସ୍ଥ୍ୟ ବିଭାଗ)-**

ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡାକ୍ତର ବିରେନ୍ଦ୍ର ବାଗ ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ପୂର୍ବ ବୈଠକରେ ଯାହା ଯାହା ଅଭିଯୋଗ, ସମସ୍ୟା ଥିଲା ଯଥା କ୍ରମେ ଆଲୋଚନା କରାଗଲା ।  ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ୧୨ ଘଟିକା ପରେ କୌଣସି ଡାକ୍ତର ରାହୁନାହାନ୍ତି, ୧୨ ଘଟିକା ପରେ ଯଦି କୌଣସି ରୋଗୀ ଆସିଲେ ତାହାର ଚିକିତ୍ସା ନିମନ୍ତେ ଅସୁବିଧା ହେଉଅଛି ବୋଲି ପୂର୍ବ ବୈଠକରେ ଧରମବନ୍ଧା ସରପଞ୍ଚ ବିଭାଗୀୟ ଅଧିକାରୀ ଙ୍କୁ କହିଥିଲେ । ଏହାର ସମାଧାନ ନିମନ୍ତେ Shift duty ପାଇଁ ଡାକ୍ତର ମାନଙ୍କୁ ଚିଠି କରାଯାଇ ଅଛି ବୋଲି ଡାକ୍ତର ବାଗ କହିଥିଲେ । ଧରମବନ୍ଧା ସରପଞ୍ଚ ପୁଣି କହିଥିଲେ ଯେ, ଡାକ୍ତର ମାନଙ୍କ ଟ୍ରେନିଂ ଏକାଥରେ ହେଉଅଛି । ତାହାକୁ ମଧ୍ୟ ଜଣକ ପରେ ଜଣକ ଙ୍କ ଟ୍ରେନିଂ ଦିଆଯାଉ ବୋଲି ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଠାକୁର ଓ ବେଲଟୁକ୍ରୀ ସମିତି ସଭ୍ୟ କହିଥିଲେ ଯେ ଖରିଆର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ସଂଖ୍ୟା କମ ହୁଏ, ସେତେ ବେଳେ ବେଲଟୁକ୍ରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ଡାକ୍ତର ଅଣାଯାଏ । ଯାହା ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅସୁବିଧା ହେଉଅଛି । ଏଥି ପ୍ରତି ଧ୍ୟାନ ଦେବାକୁ ନିବେଦନ କରିଥିଲେ । ଧରମବନ୍ଧା ସରପଞ୍ଚ ପୁଣି ପଚାରିଥିଲେ ଯେ ଆୟୁଷ ଡାକ୍ତର ଙ୍କୁ ଏଲୋପେଥି ମେଡିସିନ ନ ଦେଇ ଆୟୁଷ ମେଡିସିନ ଦେଇକି ଚିକିତ୍ସା କରିବା ବ୍ୟବସ୍ଥା କରିବା କଥା । ଡାକ୍ତର ବାଗ କହିଥିଲେ ଯେ ସମସ୍ତ ଆୟୁଷ ଡାକ୍ତର ଙ୍କୁ ଏଲୋପେଥି ମେଡିସିନ ଉପରେ ଟ୍ରେନିଂ



Scanned with OKEN Scanner

ଦିଆଯାଇଅଛି । ଡୁମେରପାଣି ସରପଞ୍ଚ ବିଭାଗୀୟ ଅଧିକାରୀଙ୍କୁ ପଚାରିଥିଲେ ଯେ, ବାରମ୍ବାର ପ୍ରସ୍ତାବ ଗୃହୀତ ହେଲା ପରେ ମଧ୍ୟ ଆଜି ଯାଏଁ ଡୁମେରପାଣି ଗ୍ରାମ ପଂଚାୟତ ରେ ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ର ବ୍ୟବସ୍ଥା ହୋଇନାହିଁ । ଡୁମେରପାଣି ଗ୍ରାମ ପଂଚାୟତ ବାସୀ ବହୁତ ଅସୁବିଧା ଭୋଗ କରୁଛନ୍ତି ବୋଲି କହିଥିଲେ । ବିଭାଗୀୟ ଅଧିକାରୀ କହିଥିଲେ ଯେ, ଡୁମେରପାଣି ଗ୍ରାମ ପଂଚାୟତ ରେ ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ବିଭାଗ ତରଫରୁ proposal ଦିଆଯାଇଅଛି । ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ନିର୍ମାଣ ଗ୍ରାମ ପଂଚାୟତ ଅଞ୍ଚଳରେ ନ ହୋଇ ବିଜ୍ଞାପିତ ଅଞ୍ଚଳରେ କାହିଁକି ହେଉଅଛି ବୋଲି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ରାଉତ ପ୍ରଶ୍ନ କରିଥିଲେ ଓ ସାରାବଙ୍ଗ ଗ୍ରାମ ପଂଚାୟତ ରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ଥାପନ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନିବେଦନ କରିଥିଲେ । କେରମେଲି ଗ୍ରାମ ପଂଚାୟତ ସରପଞ୍ଚ କହିଥିଲେ ଯେ,ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ସମ୍ପୂର୍ଣ ହୋଇସାରିଛି, ସେଠି ଶୀଘ୍ର କାମ କରାଯିବ ବ୍ୟବସ୍ଥା ନିମନ୍ତେ ଅନୁରୋଧ କରିଥିଲେ । ଯେଉଁ ଯେଉଁ ଜାଗାରେ ଆଶା କର୍ମୀ ନାହାନ୍ତି, ତାର ପୂରଣ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନିଆଯାଉ ବୋଲି ସମସ୍ତ ସରପଞ୍ଚ ଓ ପଂଚାୟତ ସମିତି ସଦସ୍ୟ ଅନୁରୋଧ କରିଥଲେ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ସମସ୍ୟା ର ସମାଧାନ ପ୍ରତି ବିଶେଷ ଧ୍ୟାନ ଦେବାକୁ ମଞ୍ଚାସୀନ ଅଧିକାରୀ ବୃନ୍ଦ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ।

**ପ୍ରସ୍ତାବ ନମ୍ବର-୦୫ (ଶ୍ରମ ବିଭାଗ)-**

ଅଦ୍ୟ ବୈଠକରେ ସହାୟକ ଜିଲ୍ଲା ଶ୍ରମ ଅଧିକାରୀ ନିଜ ବିଭାଗ ଉପରେ ଯଥା କ୍ରମେ ସଭାକୁ ଅବଗତ କରାଇଥିଲେ । ନିର୍ମାଣ ଶ୍ରମିକ ଯୋଜନା ଅନ୍ତର୍ଗତ ନିର୍ମାଣ ଶ୍ରମିକ ଙ୍କୁ ମୃତ୍ୟୁ ସହାୟତା, କାମ କରୁଥିବା ସ୍ଥଳେ ଦୁର୍ଘଟଣା ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା, materinity ସହାୟତା ଉପରେ ସଭାକୁ ଅବଗତ କରାଇଥିଲେ । ସରକାର ଙ୍କ ବିଭିନ୍ନ ସହାୟତା ରେ କେତେ ଜଣ middle man ରୂପେ କାମ କରୁଛନ୍ତି, ଯାହା ଫଳରେ ନିରୀହ ବ୍ୟକ୍ତି ସରକାର ଙ୍କ ସହାୟତା ରାଶି ର ସମ୍ପୂର୍ଣ୍ଣ ଉପଭୋଗ କରୁନାହାନ୍ତି । ଏହାକୁ ରୋକିବା ପାଇଁ ସାଧାରଣ ଜନତାଙ୍କୁ ସଚେତନ କରିବା ଉଚିତ । ତେଣୁ ବିଭାଗୀୟ ଅଧିକାରୀ ସମସ୍ତ ଲୋକ ପ୍ରତିନିଧି ଙ୍କ ସହଯୋଗ କାମନା କରିଥିଲେ । ଉପରୋକ୍ତ ସମସ୍ତ ସହାୟତା ର ସମ୍ପୂର୍ଣ୍ଣ ରିପୋର୍ଟ ଆଗାମୀ ବୈଠକରେ ଉପସ୍ଥାପନ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ମଞ୍ଚାସୀନ ଅଧିକାରୀ ବୃନ୍ଦ ନିବେଦନ କରିଥିଲେ । ମାନ୍ୟବର ସାଂସଦ ଙ୍କ ପ୍ରତିନିଧି ବିଭାଗୀୟ ଅଧିକାରୀ ଙ୍କୁ ଶ୍ରମିକ ମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଉପରେ ପଚାରିଥିଲେ । ଉପାଧ୍ୟକ୍ଷ ମହୋଦୟ ବିଭାଗୀୟ ଅଧିକାରୀ ଙ୍କୁ କହିଥିଲେ ଯେ, ପୂର୍ବ ର କେତେ ଗୋଟି ପ୍ରୋଗ୍ରାମ ରେ PRI ଙ୍କୁ ଖବର ଦିଆଯାଇ ନ ଥିଲା ତେଣୁ ସେ ପରାମର୍ଶ ଦେଇଥିଲେ କି, ବିଭାଗର ଯେ କୌଣସି ଯୋଜନା ରେ ସ୍ଥାନୀୟ ଲୋକ ପ୍ରତିନିଧି ଙ୍କ ସହଯୋଗ ନିଅନ୍ତୁ, ଯାହା ଦ୍ୱାରା ଉପଯୁକ୍ତ ହିତାଧିକାରୀ ଙ୍କ ପାଖେ ସମସ୍ତ ସରକାରୀ ସୁବିଧା ଠିକ ସମୟରେ ମିଳିବ ।

**ପ୍ରସ୍ତାବ ନମ୍ବର-୦୬ ସାମାଜିକ ସୁରକ୍ଷା ବିଭାଗ -** ଅଦ୍ୟ ବୈଠକରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ହରେକୃଷ୍ଣ ନାଏକ ନିଜ ବିଭାଗ ର କାମ ଉପରେ ସଭାକୁ ଅବଗତ କରାଇଥିଲେ । IGNOP ର ମୋଟ ଟାର୍ଗେଟ ରୁ ୮୦୪୬ ରୁ ୮୦୪୪ ପୂରଣ ଅଛି ଓ ୦୨ ଖାଲି ଅଛି, IGNWP ର ମୋଟ ଟାର୍ଗେଟ ୧୮୧୭ ରେ ୧୮୧୫ ପୂରଣ ଅଛି ଓ ୦୩ ଗୋଟି ଖାଲି ଅଛି ବୋଲି ଜଣାଇ ଥିଲେ । ମଧୁବାବୁ ପେନ୍ସନ ଯୋଜନାରେ ମୋଟ ହିତାଧିକାରୀ ୧୧୫୭୯ ଜଣ ଅଛନ୍ତି । ଜାତୀୟ ପରିବାର ମଙ୍ଗଳ ଯୋଜନା ରେ ମୋଟ ୧୫୮ ଗୋଟି ଅନୁମୋଦନ ହୋଇଅଛି ତାର ଅନୁମୋଦନ ଟଙ୍କା ୩୧୬୦୦୦୦ ହୋଇଅଛି । ବାଣୀଶ୍ରୀ scholarship ରେ ମୋଟ ୧୧୧ ଗୋଟି ଅନୁମୋଦନ ହୋଇଅଛି ଯାହା ର ମୂଲ୍ୟ ଟଙ୍କା. ୪୯୦୦୦୦, PWD SHG ଙ୍କୁ ମୋଟ ଟ. ୭୫୦୦୦୦ ପ୍ରଦାନ କରାଯାଇଅଛି ଓ ଦିବ୍ୟାଙ୍ଗ ଲୋକ ଙ୍କ ପୁଅ ଝିଅ ପାଠ ପଢିବା ପାଇଁ ସହାୟତା ରାଶି ମୋଟ ୨୫୦୦୦୦ ଟଙ୍କା ଅନୁମୋଦନ ହୋଇଅଛି । ଧରମବନ୍ଧା ସରପଞ୍ଚ ସଭାକୁ ଅବଗତ କରାଇଥିଲେ ଯେ ପେନ୍ସନ ପାଇଁ



Scanned with OKEN Scanner

ଅନଲାଇନ ମାଧ୍ୟମରେ ଆବେଦନ କଲାପରେ, ତାହା BSSO ଙ୍କ log in id ବହୁତ ଦିନ ଧରି ରହିଯାଉଛି, ତା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ log in id ରେ ରହୁଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ପରେ ଉପ-ଜିଲ୍ଲାପାଳ ଙ୍କ ପାଖରେ ରହିଯାଉଛି । ଏହା ଭିତରେ ଅଧିକ ସମୟ ଲାଗୁଛି । ଏହାକୁ ଶୀଘ୍ର କରିବାକୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ଯେଉଁ ଯେଉଁ ଫର୍ମ ରିଜେକ୍ଟ କରାଯାଉଅଛି, ତାକୁ ମଧ ଶୀଘ୍ର କରିବା ସହ କାରଣ ଦର୍ଶାଯାଉ ବୋଲି କହିଥିଲେ । ପେନ୍ସନ ପାଇଁ ଆଧାର କାର୍ଡ କି ଭୋଟର କାର୍ଡ ବାଧ୍ୟତା ମୂଳକ, ତା ଉପରେ ଚର୍ଚ୍ଚା କରାଗଲା । ପେନ୍ସନ ପାଇଁ ଭୋଟର କାର୍ଡ ବାଧ ହେବା ବେଳେ ସୁଭଦ୍ରା ଯୋଜନା ରେ ଆଧାର କାର୍ଡ ବାଧ ଅଛି ଓ ସେହି ମାଧ୍ୟମରେ ଅନୁମୋଦନ ହେଉଅଛି । ଏହା ବିଷୟରେ ବିଶେଷ ଆଲୋଚନା କରାଗଲା । ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ରାଉତ କହିଥିଲେ ଯେ, ସାରବଙ୍ଗ ଗ୍ରାମ ପଂଚାୟତ ର ଦୁଇ ଜଣ ବିଧବା ମହିଳା ଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନା ସହାୟତା ରାଶି ପାଇନାହାନ୍ତି, ତାକୁ ଶୀଘ୍ର କରାଯାଉ । ଆଧାର କାର୍ଡ ସମସ୍ୟା ପାଇଁ କେତେ ଜଣ ଯୋଗ୍ୟ ହିତାଧିକାରୀ ଙ୍କୁ ପେନ୍ସନ ମିଳୁ ନାହିଁ । ଏହାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମାଝୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଅନୁରୋଧ କରିଥିଲେ । ଉପାଧ୍ୟକ୍ଷ ମହୋଦୟ ପ୍ରଶ୍ନ କରିଥିଲେ ଯେ, କେତେ ଜଣ ହିତାଧିକାରୀ ପୂର୍ବ ରୁ ଟଙ୍କା ୧୨୦୦ ପାଉଥିଲେ କିନ୍ତୁ ଏବେ ସେମାନେ କାହିଁକି ଟଙ୍କା ୧୦୦୦ ପାଉଛନ୍ତି ? ବିଭାଗୀୟ ଅଧିକାରୀ କହିଥିଲେ ଯେ, ତଦାରଖ ପରେ ଯେଉଁ ମାନଙ୍କ ବୟସ ୮୦ ବର୍ଷ ହୋଇନାହିଁ, ସେମାନଙ୍କ ଭତା ଟଙ୍କା ୧୨୦୦ ରୁ ୧୦୦୦ ହୋଇଯାଇଛି । ଗ୍ରାମ ପଂଚାୟତ ୱାରୀ ବିଗତ ୦୨ ବର୍ଷ ରୁ ଅନୁମୋଦନ ହୋଇଥିବା ନୂଆ ପେନ୍ସନ ତାଲିକା, ଟଙ୍କା.୩୫୦୦ ପେନ୍ସନ ପାଇଁ ଚୟନ ବା ଅନୁମୋଦିନ ହୋଇଥିବା ତାଲିକା ଆଗାମୀ ବୈଠକରେ ଉପସ୍ଥାପନ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ଅନୁରୋଧ କରାଗଲା ଓ ସମସ୍ତ ସରପଞ୍ଚ, ପଂଚାୟତ ସମିତି ସଦସ୍ୟ ଙ୍କୁ involve କରିବା ପାଇଁ କୁହାହେଲା ।

**ପ୍ରସ୍ତାବ ନମ୍ବର-୦୭ (ପାନୀୟ ଜଳ ଓ ପରିମଳ ବିଭାଗ)-**

ଅଦ୍ୟ ବୈଠକରେ ପାନୀୟ ଜଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶ୍ରୀ ସାଗର ବିଶ୍ୱାଳ ନିଜ ବିଭାଗ ଉପରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ନଳକୂପ ମରାମତି ପାଇଁ ଦୁଇ ଗୋଟି ଗାଡି ର ବ୍ୟବସ୍ଥା ଶୀଘ୍ର ହେବ ବୋଲି ସୂଚିତ କରିଥିଲେ । ଗ୍ରାମ ପଂଚାୟତ ଓ ପଂଚାୟତ ସମିତି ଅଫିସ ରେ କନ୍ଟ୍ରୋଲ ରୁମ ହେବ, ଯାହା ଦ୍ବାରା ନଳକୂପ ଓ ପାଇପ ର ସମସ୍ୟା ଶୀଘ୍ର ସମାଧାନ ହେବ । ବେଲଟୁକ୍ରି ସମିତି ସଭ୍ୟ ଅଭିଯୋଗ କରିଥିଲେ ଯେ, ଗତ ୦୩ ମାସ ହେଲା ନଳକୂପ ମରାମତି ପାଇଁ ଭ୍ରାମ୍ୟମାଣ ଗାଡି ର ଟେଣ୍ଡର ହୋଇପାରିଲା ନାହିଁ । ସାରାବଙ୍ଗ ସମିତି ସଭ୍ୟା କହିଲେ ଯେ ପାଖାପାଖି ଏକ ମାସ ହେଲା କିନ୍ତୁ ନଳକୂପ ମରାମତି ହୋଇପାରିଲା ନାହିଁ । ଧରମବନ୍ଧା ସରପଞ୍ଚ ସଭାଁ କୁ ଜଣାଇଥିଲେ ଯେ, ଗ୍ରାମ ସ୍ତରୀୟ ଜଳ ଓ ପରିମଳ କମିଟି ରେ ବର୍ତ୍ତମାନ ର କୌଣସି ୱାର୍ଡ ମେମ୍ବର ନାହାନ୍ତି ସଭାକୁ ସହକାରୀ ଯନ୍ତ୍ରୀ ପଂଚାୟତ ସମିତି ତରଫରୁ ଦୁଇ ଗୋଟି ପଂଚାୟତ ଅଧୀନରେ ଥିବା ନଳକୂପ ଏବଂ ପାଣି ପାଇପ, ସଜାଡ଼ିବା ପାଇଁ ଅଭିଯୋଗ ମୁତାବକ ଚାଲୁଅଛି । ପଂଚାୟତ ସମିତି ଅଧକ୍ଷା ଆଗାମୀ ଗ୍ରୀଷ୍ମ ଋତୁ ନିମନ୍ତେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଉପରେ ସଭାକୁ ସୂଚନା ଦେବା ସହ ପ୍ରବଳ ଗ୍ରୀଷ୍ମ ପ୍ରଭାବକୁ କିଭଳି ସୂଚାରୁ ରୂପେ ଏଡାଇ ଦିଆ ଯିବା, ସେ ଉପରେ ସମସ୍ତ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ ।

**ପ୍ରସ୍ତାବ ନମ୍ବର-୦୮ ଶିକ୍ଷା ବିଭାଗ-**

ଅଦ୍ୟ ବୈଠକରେ ABEO ଶ୍ରୀ ଚଇତ ରାମ ନାଏକ ନିଜ ବିଭାଗ ର କାମ ଉପରେ ସଭାକୁ ସୂଚିତ କରିଥିଲେ । ବିଦ୍ୟାଳୟ ଗୁଡିକରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ର ବୃତ୍ତି ପରୀକ୍ଷା ସରି ସାରିଛି ବୋଲି ଜଣେଇ ଥିଲେ । ଛାତ୍ରଛାତ୍ରୀ ଙ୍କ performance ବହୁତ ବଢିଆ ଅଛି । ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ର ସମସ୍ତ ABEO, CRC ମାନେ ଦିନ ର ପ୍ରଥମ ପ୍ରହରେ ସ୍କୁଲ ଭିଜିଟ କରୁଛନ୍ତି । ସେଠାରେ ପାଠ



Scanned with OKEN Scanner

ପଡ଼ା ସହିତ ଖାଦ୍ୟ ବ୍ୟବସ୍ଥା ର ତଦାରଖ କରୁଛନ୍ତି । ଚଳିତ ବର୍ଷ ଦଶମ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଉଅଛି ବୋଲି ସଭାକୁ ଅବଗତ କରାଇଥିଲେ । ଡୁମେରପାଣି ସମିତି ଶିକ୍ଷକ ବଦଳି ଉପରେ ପଚାରିଥିଲେ । ଉତ୍ତରରେ ବିଭାଗୀୟ ଅଧିକାରୀ କହିଥିଲେ ଯେ ଶିକ୍ଷକ ବଦଳି ଆସନ୍ତା ଅପ୍ରିଲ କିମ୍ବା ମଇ ମାସରେ ହେବ । ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମାଝୀ, ଡୁମେରପାଣି ସମିତି ସଭ୍ୟ, ବେଲଟୁକରି ସମିତି ସଭ୍ୟ ସମସ୍ତେ ଲୋକାଲ ଶିକ୍ଷକ ମାନେ ଠିକ ରୂପେ ବିଦ୍ୟାଳୟ ଦାୟିତ୍ୱ ପାଳନ କରୁ ନାହାନ୍ତି । ତେଣୁ, ଲୋକାଲ ଶିକ୍ଷକ ଙ୍କୁ ଯଥା ଶୀଘ୍ର ବଦଳି କରାଯାଉ ବୋଲି କହିଥିଲେ । ପୂର୍ବ ବୈଠକ ରେ ମଧ୍ୟ କୁହାଯାଇଥିଲା । ତେଣୁ ଏହା ଉପରେ ବିଶେଷ ଧ୍ୟାନ ଦିଆ ଯାଉ ବୋଲି ବିଭାଗୀୟ ଅଧିକାରୀ ଙ୍କୁ କୁହାଗଲା । ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉମା ଠାକୁର ପରାମର୍ଶ ଦେଇଥିଲେ ଯେ ଯେଉଁ ଲୋକାଲ ଶିକ୍ଷକ ମାନେ ଠିକ ରୂପେ କାମ କରୁ ନାହାନ୍ତି, ତାଙ୍କୁ ବଦଳି କରାଯାଉ କିନ୍ତୁ ଯିଏ ଠିକ ରୂପେ କାମ କରୁଛନ୍ତି ତାଙ୍କୁ ବଦଳି କରା ନ ଯାଉ । କିନ୍ତୁ ପାଠ ପଢାରେ ଆହୁରି ବିକାଶ ହେବା ପାଇଁ ସମସ୍ତ ଲୋକାଲ ଶିକ୍ଷକ ଙ୍କୁ ବଦଳି କରାଯାଉ ବୋଲି ସମସ୍ତେ ଦାବି କରିଥିଲେ । ଡୁମେରପାଣି ସମିତି ସଭ୍ୟ କହିଥିଲେ ଯେ ସିଲଦା ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ ଆଉ ସମସ୍ତେ ଶିକ୍ଷୟିତ୍ରୀ ଅଛନ୍ତି । ଗୋଟେ ବିଦ୍ୟାଳୟ ରେ ଅଧିକ ସଂଖ୍ୟା ରେ ଶିକ୍ଷୟିତ୍ରୀଙ୍କୁ, ରଖା ନ ଯାଉ ବୋଲି ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମାଝୀ ଛାତ୍ରଛାତ୍ରୀ ଙ୍କୁ ବିଦ୍ୟାଳୟ ଡ୍ରେସ SHG ଦ୍ୱାରା ଦିଆଯାଇଛି, ତାର ରିପୋର୍ଟ୍ ଉପସ୍ଥାପନ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନିବେଦନ କରାଗଲା । ଛାତ୍ରଛାତ୍ରୀ ଙ୍କୁ ଜୋତା କିଏ ଦେଇଛନ୍ତି, ତାର ମଧ୍ୟ ରିପୋର୍ଟ୍ ଉପସ୍ଥାପନ କରିବା ପାଇଁ କୁହାଗଲା ଓ ଗୋଟିଏ SHG କୁ ବାରମ୍ବାର ନ ଦେଇ ସମସ୍ତ SHG ଙ୍କୁ ସୁଯୋଗ ଦେବାର ବ୍ୟବସ୍ଥା କରାଯାଉ । ଧରମବନ୍ଧା ସରପଞ୍ଚ ସଭା କୁ ଜଣାଇଥିଲେ ଯେ ଧରମବନ୍ଧା ସ୍କୁଲ ଛାତ୍ର ଛାତ୍ରୀ ଙ୍କ ସ୍କୁଲ ଡ୍ରେସ ଚୟନ ସମୟରେ ସ୍କୁଲ କମିଟି ମେମ୍ବର, ସରପଞ୍ଚ ଥିଲେ ଓ କପଡ଼ା quality ମଧ୍ୟ ଚେକ୍ କରାଯାଇଥିଲା । ଯେଉଁ ଶିକ୍ଷକ ଙ୍କ retire ପୂର୍ବରୁ ମୃତ୍ୟୁ ହୋଇଅଛି, ତାଙ୍କ ପରିବାର ସଦସ୍ୟ ଙ୍କୁ ଶୀଘ୍ର ଚାକିରି ଦେବା ର ବ୍ୟବସ୍ଥା କରାଯାଉ ବୋଲି ଜିଲ୍ଲା ପରିଷଦ ସଭ୍ୟ କହିଥିଲେ । ବିଭାଗୀୟ ଅଧିକାରୀ ଶିକ୍ଷା ର ଆହୁରି improvement ପାଇଁ ସମସ୍ତ ଲୋକ ପ୍ରତିନିଧି ଙ୍କ ସହଯୋଗ କାମନା କରିଥିଲେ ।

**ପ୍ରସ୍ତାବ ନମ୍ବର-୦୯ (କୃଷି ବିଭାଗ)-**

ଅଅଦ୍ୟ ବୈଠକରେ ବ୍ଲକ କୃଷି ଅଧିକାରୀ ଶ୍ରୀ ସତ୍ୟ ନାଗ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜ ବିଭାଗ କାମ ଉପରେ ସଭାକୁ ଅବଗତ କରାଇଥିଲେ । ବର୍ତ୍ତମାନ ଚାଲୁଥିବା ଡିଜିଟାଲ କ୍ରପ ସର୍ଭେ ଉପରେ ସଭାକୁ ଜଣାଇଥିଲେ । ଏହି ସର୍ଭେ ରାଜସ୍ବ ବିଭାଗ ସହିତ ମିଶି କରାଯାଉଅଛି । ଡିଜିଟାଲ କ୍ରପ ସର୍ଭେ ରେ ସବୁ ଚାଷ ଜମି କୁ ଯାଇ ଅନଲାଇନ application ମାଧ୍ୟମରେ ଜମି ବିବରଣୀ upload କରାଯାଏ । ଏହା ୦୩ ବର୍ଷ ର ପ୍ରକଳ୍ପ ଅଟେ । ଏହା ପରେ ସରକାର ଙ୍କ ପାଖରେ crop ହିସାବରେ ଚାଷ ଜମି ର ସମ୍ପୂର୍ଣ ତଥ୍ୟ ରହିବ । ବିଭାଗୀୟ ଅଧିକାରୀ ଚାଷୀ ଙ୍କ ପଞ୍ଜୀକରଣ, ମାଣ୍ଡିଆ procurement, cotton procurement, ଉପରେ ମଧ୍ୟ ସଭାକୁ ଅବଗତ କରାଇଥିଲେ । କେଉଁ କେଉଁ ଗ୍ରାମ ପଂଚାୟତ କୁ କେଉଁ କେଉଁ ବିହନ ଦିଆଯାଇ ଅଛି ବୋଲି ବିଭାଗୀୟ ଅଧିକାରୀ ଙ୍କୁ ବୁଢିପାଳି ସମିତି ସଭ୍ୟ ପଚାରିଥିଲେ । ତାର ସମ୍ପୂର୍ଣ୍ଣ ବିବରଣୀ ସଭାରେ ଉପସ୍ଥାପନ କରିଥିଲେ । ଫସଲ ବୀମା ଉପରେ ମଧ୍ୟ ସଭାରେ ଆଲୋଚନା କରାଗଲା ।

**ପ୍ରସ୍ତାବ ନମ୍ବର-୧୦ ଗ୍ରାମୀଣ ଗୃହ ଯୋଜନା -**

ଅଦ୍ୟ ବୈଠକରେ ଗ୍ରାମୀଣ ଗୃହ ଯୋଜନା ର BPC ଶ୍ରୀ ସଚିନ ପାଢୀ, ଗ୍ରାମୀଣ ଗୃହ ଯୋଜନା ଉପରେ ସଭାକୁ ଯଥା କ୍ରମେ ସୂଚିତ କରିଥିଲେ । ଜାନୁଆରୀ ୨୪ ତାରିଖରୁ ଗ୍ରାମୀଣ ଗୃହ ଯୋଜନା ଅନ୍ତର୍ଗତ ପ୍ରତି ଘର ର ସର୍ଭେ କରାଯିବ, ଯାହାର ଶେଷ ତାରିଖ ୩୧ ମାର୍ଚ୍ଚ, ୨୦୨୫ । ପ୍ରତି ଗ୍ରାମ ପଂଚାୟତ ର ୨-୩ ଗ୍ରାମ କୁ ନେଇ ସର୍ଭେ ଅଫିସର ର ଅର୍ଡର ବାହାରିଗଲାଣି । ଯିଏ ଯିଏ ଗାଁ ବାହାରେ migration ରେ ଯାଇଛନ୍ତି, ତାଙ୍କର ସେଲ୍ଫ ସର୍ଭେ ଜରିଆରେ କରାଯିବ । ସମସ୍ତ ଙ୍କ ଆଧାର କାର୍ଡ update କରିବାକୁ ପଡିବ । ଏଥିରେ ଆଖି ରେଟିନା ର ମଧ୍ୟ ଫୋଟୋ ନିଆଯିବ । ଜମି ହିନ କେସ ରେ ସର୍ଭେ ସମୟରେ ଅନଲାଇନ application ରେ ଅପସନ ଅଛି, ତାହା ପୂରଣ କରିବାକୁ ପଡିବ । ଏହାର ପ୍ରଚାର ପାଇଁ ସରକାର ଙ୍କ ତରଫରୁ IEC ACTIVITIES କରାଯିବ । ଆଗକୁ ଯେ କୌଣସି ନିର୍ଦ୍ଦେଶ ଆସେ ଆପଣ ମାନଙ୍କୁ ଅବଗତ କରାଯିବ । ଏହି ସର୍ଭେ ୨୦୧୯-୨୦ ବର୍ଷ ପରେ ହେଉଅଛି ଆଉ ଆଗକୁ ୫-୬ ବର୍ଷ ହେବ ନାହିଁ, ତେଣୁ ଏହି ସର୍ଭେ ରେ ଉପଯୁକ୍ତ ହିତାଧିକାରୀଙ୍କ ସର୍ଭେ ହେବା ଅତି ଜରୁରୀ। ତେଣୁ, ଏହି ସର୍ଭେ ରେ ସମସ୍ତ ଲୋକ ପ୍ରତିନିଧି ଙ୍କ ସହଯୋଗ କାମନା କରିଥିଲେ ।



Scanned with OKEN Scanner

ପ୍ରସ୍ତାବ ନମ୍ବର ୧୧ – ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ରାଉତ ଓ ଜାମପାଣି ସମିତି ସଭ୍ୟ ଙ୍କ ଅନୁରୋଧ କ୍ରମେ ନିମ୍ନ ଲିଖିତ ରାସ୍ତା ଯାହାକି ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ଅଧୀନରେ ଅଛି, ତାହାର ଅଧିକତର ଉନ୍ନତିକରଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଆଗତ କରାଯାଇ ଗୃହିତ କରାଗଲା ।

| କ୍ରମିକ ସଂଖ୍ୟା | ଗ୍ରାମ ପଂଚାୟତ ନାମ | ପ୍ରକଳ୍ପ ନାମ | ଲମ୍ବ (କି. ମି. ) |
|---|---|---|---|
| ୦୧ | ସାରାବଙ୍ଗ | PWD ରାସ୍ତା ଠାରୁ ଭଇଁସମୁଣ୍ଡି କେନାଲ ରାସ୍ତା ଭାୟା ଭଇଁସମୁଣ୍ଡି ବସ୍ତି ଠାରୁ ଭରେବାହାରା ରାସ୍ତା | ୩.୫ |
| ୦୨ | ସାରାବଙ୍ଗ | PWD ରାସ୍ତା ଠାରୁ ମଣ୍ଡି ରାସ୍ତା ଭାୟା ଲାଞ୍ଜିମାର ବସ୍ତି | ୩.୫ |
| ୦୩ | ଚୁଲାଭଟ | ଚୁଲାଭଟ ଭୁଞ୍ଜିଆପଡା ଠାରୁ ଛତିଶଗଡ ବୋଡ଼ର ଭାୟା ଛୋଟ ଲାଞ୍ଜିମାର | ୫ |
| ୦୪ | ମୋଟାନୂଆପଡ଼ା | କଲମିଦାଦାର ଠାରୁ ଜାମପାଣି ରାସ୍ତା ଭାୟା ପାସାମାରା | ୫ |
| ୦୫ | ଆମାନାରା | ପାଖରତଲା ଠାରୁ ପାତାଲଘୁଟକୁରି ରାସ୍ତା ଭାୟା ମୋହରଡ଼ିହି | ୪ |
| ୦୬ | ଆମାନାରା | ଆମାନାରା ଠାରୁ ଶିରିଗିଡି ଭାୟା ବ୍ରାହ୍ମଣୀ ରାସ୍ତା | ୧.୫ |
| ୦୭ | ଜାମପାଣି | ଟିଟିରିପାଣି ଠାରୁ ଛିନ୍ଦପାଣି ରାସ୍ତା | ୫ |
| ୦୮ | ଜାମପାଣି | ଭାଲୁକୋନା ଉଚ୍ଚ ବିଦ୍ୟାଳୟ ଠାରୁ ଚୁହୁରି | ୫ |

ପ୍ରସ୍ତାବ ନମ୍ବର ୧୨ – ମହାତ୍ମା ଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନା

ଗ୍ରାମ ପଂଚାୟତ ର ଆହୁରି ବିକାଶ ପାଇଁ ବ୍ଲକ ରେ ମଧ ମହାତ୍ମା ଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନା ଅନ୍ତର୍ଗତ ଫାଇଲ ଖୋଲିଆ ନିମନ୍ତେ ବେଲଟୁକ୍ରୀ ସମିତି ସଭ୍ୟ, ସାରାବଙ୍ଗ ସମିତି ସଭ୍ୟ ପରାମର୍ଶ ଦେଇଥିଲେ ଓ ସଭାରେ ସଂକ୍ଷେପରେ ଆଲୋଚନା କରାଯାଇଥିଲା । ଏହା ଉପରେ ପଦକ୍ଷେପ ନିଆଯିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଅନୁରୋଧ କରାଗଲା ।

ପ୍ରସ୍ତାବ ନମ୍ବର – ୧୩ (BPDP)-

(କ)-ଆର୍ଥିକ ବର୍ଷ ୨୦୨୫ -୨୬ ପାଇଁ ବ୍ଲକ ପଂଚାୟତ ଉନ୍ନୟନ ଯୋଜନା (BPDP) ପ୍ରସ୍ତୁତ କରିବା ସକାଶେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତଙ୍କୁ ଜଣାଇବା ସହ ସମ୍ପର୍କିତ ସରକାରୀ ନିର୍ଦ୍ଦେଶନାମା ବାବଦରେ ଅବଗତ କରାଇଥିଲେ । ଏହି ନିର୍ଦ୍ଦେଶ ପ୍ରକାରେ ପ୍ରତେକ୍ୟ ଗ୍ରାମ ପଂଚାୟତରେ ଆବଶ୍ୟକତା ଅନୁଯାଇ ନିମ୍ନ ପ୍ରକଳ୍ପ ଗୁଡିକୁ ନେଇ BPDP /୨୦୨୫-୨୬ ପ୍ରସ୍ତୁତ କରାଯିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୁଡିକୁ ଅନୁମୋଦନ କରାଗଲା ।

CFC UNTIED FUND

| SL NO | NAME OF THE PS/ GP | NAME OF THE PROJECT | ESTIMATED COST |
|---|---|---|---|
| 01 | Amanara | Improvement of Tank at Amanara | Rs. 500000 |
| 02 | Kendubahara | Improvement of road with culvert from Bhainsadarha to Bhalukonha Road | Rs. 400000 |
| 03 | Motanuapada | Improvement of road from Belpada to Bastipada of Paregaon | Rs.400000 |



Scanned with OKEN Scanner

| | | | |
|---|---|---|---|
| 04 | Amsena | Construction of CC Road at Shiv Shakti Nagar, Gotma | Rs. 300000 |
| 05 | Bisora | Construction of Boundary Wall at Lukupali Primary School | Rs. 300000 |
| 06 | Bhanpur | Construction of Kartikeswar Mandap at Ranidarha | Rs. 300000 |
| 07 | Bhaleswar | Construction of CC Road from Chandramani Naik house to Kirtan Naik House | Rs. 300000 |
| 08 | Bhainsatal | Improvement of road from shiv mandir, Bhainsatal to Mudhela road | Rs. 300000 |
| 09 | Biromal | Construction of boundary wall at PHC, Biromal | Rs. 300000 |
| 10 | Budhiplai | Construction of CC Road from Pavan House to Basti Road at Jenjera | Rs. 300000 |
| 11 | Beltukri | Improvement of CC Road from Bhekam Chadrakar house to Lohora pada | Rs. 500000 |
| 12 | Boirbhadi | Improvement of road from Trinath Das house to Gana Naik house of Boirbhadi village | Rs. 300000 |
| 13 | Chulabhat | Construction of Guard Wall at Pandripani to Bhalupani road | Rs. 300000 |
| 14 | Darlimunda | Improvement of road from Rampurpada to Darlimunda | Rs. 300000 |
| 15 | Dumerpani | Completion of Community Hall at Adibasipada, Silda | Rs. 234834 |
| 16 | Dharambandha | Construction of CC Road from Somnath Sahu house to RD road | Rs. 300000 |
| 17 | Godfula | Improvement of road from Bhera Basti to School pada, Kalabhera | Rs. 500000 |
| 18 | Jampani | Improvement of road from Balipada to PMGSY Road | Rs. 450000 |
| 19 | Kadomeri | Improvement of road with Pavar block at Kadomeri Primary School | Rs. 300000 |
| TOTAL | | | Rs.6584834 |



Scanned with OKEN Scanner

CFC TIED FUND

| SL N O | NAME OF THE PS/ GP | NAME OF THE PROJECT | ESTIMATED COST |
|---|---|---|---|
| 01 | NUAPADA PS | PROCUREMENT OF SPARE PARTS OF TUBE WELL | Rs. 2469321 |
| 02 | NUAPADA PS | Transfer of fund to the account of DWSM for execution of following projects. | Rs.7407961 |
| A | Amanara | Construction of drain with guard wall at MIrchapada, Tariamahuabhata | Rs. 300000 |
| B | Amsena | Construction of Guard wall with Bathing Ghat at Nua Taria, Gotma | Rs. 382961 |
| C | Bharuamunda | Construction drain at Tal Pada Chaitan Majhi house to Bhotha Road | Rs. 400000 |
| D | Bisora | Construction of drain from PMGSY road to Pansing Gali at School Pada | Rs. 400000 |
| E | Bhanpur | Construction of drain From Dumerpada to Semelpada | Rs. 400000 |
| F | Bhaleswar | Construction of guard wall with bathing step at Amodi Koltapada Tank | Rs. 400000 |
| G | Bhainsatal | Construction of drain from Munudera to Jamli | Rs. 350000 |
| H | Biromal | Construction of Drain at Nuadihi to Darlipada | Rs. 400000 |
| I | Budhipali | Construction of drain from Amlidarar Shraban Sahu House to Kharkhara Nala | Rs. 400000 |
| J | Beltukri | Installation of dual Solar pump at Bakharmal near Anganwadi Center | Rs. 425000 |
| K | Boirbhadi | Installation of dual Solar pump at Sareipali, Patta Godown | Rs. 400000 |



Scanned with OKEN Scanner

| | | | |
|---|---|---|---|
| L | Chulabhat | Construction of drain saigun dipra, Pandripani | Rs. 400000 |
| M | Darlimunda | Construction of drain from Agharia pada, Anlajuba | Rs. 400000 |
| N | Dumerpani | Improvement of Sara Tank at Silda | Rs. 400000 |
| O | Dharambandha | Construction of drain at Basa Charan Land to Resam Majhi Land | Rs. 300000 |
| P | Godfula | Improvement of Tank near Polytechnic College, Kala Bhera | Rs. 400000 |
| Q | Jampani | Installment of dual solar PWS at Rout pada of Chichiripani | Rs. 425000 |
| R | Kodomeri | Construction of culvert at Thutimali of Kodomeri ( High School chowk to Satnamipada) | Rs. 400000 |
| S | Kendubahara | Installation of dual solar PWS at Sirigidi | Rs. 425000 |
| Total | | | Rs.98,77,282 |

SFC UNTIED FUND

| SL NO | NAME OF THE PS/ GP | NAME OF THE PROJECT | ESTIMATED COST |
|---|---|---|---|
| 01 | Dumerpani | Improvement of road at Uparpada, Silda | Rs.184505 |
| 02 | Bharuamunda | Repairing of Kitechen Class Room of Lodra U.P. School | Rs. 300000 |
| 03 | Kermeli | Improvement of Junapada primary school, Kermeli | Rs. 300000 |
| 04 | Khairani | Improvement of road from Pipalchhandi Belpada Road to Khairani Road | Rs. 300000 |
| 05 | Khutbanbhera | Improvement of road from Kosam Pada Road to Barpada Road | Rs. 300000 |
| 06 | Jampani | Completion of Ganesh Mandap at Limpada | Rs.100000 |
| 07 | Kendubahara | Improvement of road from Brahmani to Amanara | Rs.40 0000 |



Scanned with OKEN Scanner

| | | | |
|---|---|---|---|
| 08 | Bhaisatal | Construction of CC Road Bhandarpuri Basti | |
| 09 | Kodomeri | Construction of CC Road from R. I. Office to Buli Pandey House | Rs. 300000 |
| 10 | Dumerpani | Improvement of Road with Culvert at Nandpur Mauli Pada | Rs. 275000 |
| 11 | Tanwat | Construction of CC Road at Dandsena Pada to Pandey Pada Ratipali | Rs. 300000 |
| 12 | Dharambandha | Construction of CC Road at Cenal Chak to Digeswar house | Rs. 300000 |
| 13 | Kotenchuan | Improvement of Chhelilendi Bandpada Road with construction of guard wall. | Rs. 300000 |
| 14 | Kuliabandha | Improvement of Primary School, Kuliabandha | Rs. 300000 |
| 15 | Motanuapada | Improvement of Kukudatal Tank | Rs. 400000 |
| 16 | Amanara | Construction of CC Road at Dalipakhan, Bhunjiapada | Rs. 300000 |
| 17 | Parkod | Improvement of road from PMGSY road to Kamlesh Sahu house of Bhusudi village | Rs. 300000 |
| 18 | Sahipala | Construction of CC Road at Gurjibhata AWC to Ballu Majhi House | Rs. 300000 |
| 19 | Saliha | Improvement of Primary School, Dehanpada of Jhalbahal village | Rs. 300000 |
| 20 | Sarabong | Construction of CC Road at Patelpada, Bhainsmundi | Rs. 400000 |
| 21 | Tanwat | Renovation of Padma Sagar Tank | Rs. 300000 |
| **Total** | | | **Rs.62,59,505** |



Scanned with OKEN Scanner

| SL NO | NAME OF THE PS/ GP | NAME OF THE PROJECT | ESTIMATED COST |
|---|---|---|---|
| 01 | NUAPADA PS | PROCUREMENT OF SPARE PARTS OF TUBE WELL | Rs.914876 |
| 02 | NUAPADA PS | Mobile Van facility for all GPs | Rs.650000 |
| 03 | NUAPADA PS | TRANSFER TO THE ACCOUNT OF DWSM TO EXECUTE FOLLOWING PROJECTS | Rs. 4694629 |
| A | Kermeli | Construction of drain from Golabandha road to Tileimal Rout Pada | Rs.300000 |
| B | Khairani | Construction of drain From Pipalchhandi Pungripada Road | Rs.300000 |
| C | Khutbanbhera | Construction of drain from Khaprapada to Pandripani | Rs.400000 |
| D | Kotenchuan | Construction of drain at Kendupada Shiv Temple, Chhelilendi | Rs.400000 |
| E | Kodomeri | Construction of drain at Palsapada road, Kodomeri | Rs.300000 |
| F | Jampani | Installment of dual solar PWS at Arkatapada of Jampani village | Rs.444628 |
| G | Kuliabandha | Construction of drain from Nandu Majhi house towards Chaitram Majhi House | Rs.300000 |
| H | Motanuapada | Installment of dual solar PWS at Pasamara village | Rs.450000 |
| I | Pakod | Construction of culvert with drain at Salihadamak, Dharsaroad | Rs.300000 |
| J | Sahipala | Construction of drain from Naik pada Biju Express Way road to Janta Tandi House | Rs.300000 |
| K | Saliha | Construction of drain at Chhewari Mata Temple, Saliha | Rs.400000 |
| L | Sarabong | Construction of drain at Kalarpada, Sarabong | Rs.400000 |



Scanned with OKEN Scanner

| | | | |
|---|---|---|---|
| M | Tanwat | Construction of drain from Matagudi to Tanwat Basti Road | Rs.400000 |
| Total | | | Rs.6259505 |

(ଖ)- ସାଲିହା ଗ୍ରାମ ପଂଚାୟତ ସରପଞ୍ଚ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଜଣାଇଥିଲେ ଯେ, ସାଲିହା ରେ ମିଶନ ଶକ୍ତି ଗୃହ ନିର୍ମାଣ ହୋଇ ବହୁତ ଦିନ ହେଲା ସତ୍ତ୍ୱେ ପଂଚାୟତ କୁ ହସ୍ତାନ୍ତର କରାଯାଇ ନାହିଁ । ତାକୁ ଅତି ଶୀଘ୍ର ହସ୍ତାନ୍ତର କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଥିଲେ । ଟାନୱାଟ ଗ୍ରାମ ପଂଚାୟତ ସରପଞ୍ଚ ଟାନୱାଟ ରେ ନିର୍ମିତ ବ୍ୟାଙ୍କ ଗୃହ ର ଉଦ୍‌ଘାଟନ ଉପରେ ପଚାରିଥିଲାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଥିଲେ ଯେ LDM ଙ୍କ ପରାମର୍ଶ ପରେ ଟାନୱାଟ ବ୍ୟାଙ୍କ ଆରମ୍ଭ କରାଯିବ ।

ଉପାଧ୍ୟକ୍ଷ ମହୋଦୟ ସଭା କୁ ଅବଗତ କରାଇଥିଲେ ଯେ, ନୂଆପଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ମାର୍କେଟ କମ୍ପ୍ଲେକ୍ସ ଗୁଡିକ ଯେଉଁ ବ୍ୟକ୍ତି ମାନଙ୍କ ନାମରେ ଚୁକ୍ତିନାମ ସ୍ୱାକ୍ଷରିତ ହୋଇଅଛି, ସେମାନେ ହିଁ ଉପଯୋଗ କରୁଛନ୍ତି କି ନାହିଁ, ତାହା ନିରୀକ୍ଷଣ କରାଯିବା ସହ ବର୍ତ୍ତମାନ ର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ନୂତନ ଭାବେ ଚୁକ୍ତି ସ୍ୱାକ୍ଷରିତ କରାଯିବା ପାଇଁ ତତ୍ପଶ୍ଚାତ କ୍ରିୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଅନୁରୋଧ କରାଗଲା ।

ପ୍ରସ୍ତାବ ନମ୍ବର ୧୪ - (ଅନ୍ୟାନ୍ୟ/ ବିବିଧ)-

୦୧-ନୂଆପଡା ପଂଚାୟତ ସମିତି ର ନିଜସ୍ୱ ପାଣ୍ଠି/ CFC, SFC ର ବଳକା ପାଣ୍ଠି ରେ ନିମ୍ନଲିଖିତ ପ୍ରକଳ୍ପ ଗୁଡ଼ିକ ସମ୍ପାଦନ କରାଯିବା ନିମନ୍ତେ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହିତ କରାଯାଇ ଅନୁମୋଦନ କରାଗଲା ।

## (କ ) ପିୟନ ନିଯୁକ୍ତି ନିମନ୍ତେ -

ନୂଆପଡ଼ା ପଂଚାୟତ ସମିତି ର ପୂର୍ବ ବୈଠକରେ ଗୃହୀତ ହେବା ଅନୁଯାଇ ୦୨ ଜଣ ଚତୁର୍ଥ ବର୍ଗ କର୍ମଚାରି ଙ୍କୁ ନୂଆପଡ଼ା ପଂଚାୟତ ସମିତିରେ ଅସ୍ଥାୟୀ ରୂପେ ନିଯୁକ୍ତି ଦିଆଗଲା ତାଙ୍କର ମାସିକ ପାରିଶ୍ରମିକ ବାବଦକୁ ବ୍ଲକ ର ନିଜସ୍ୱ ଆୟରୁ ଟ. ୯୦୦୦ (ଟଙ୍କା ନଅ ହଜାର) ପଇଠ କରିବାକୁ ନିଷ୍ପତ୍ତି ନିଆଗଲା । ନାମ ଓ ଠିକଣା ନିମ୍ନରେ ଦର୍ଶା ଗଲା ।

୧- ଶ୍ରୀ ରାଜେନ୍ଦ୍ର କୁମାର ମାଝୀ, ପିତା- ଶ୍ରୀ ଶୁକ ସିଂ ମାଝୀ, ଗ୍ରାମ- ତୋରା, ଗ୍ରାମ ପଂଚାୟତ- ମୋଟାନୂଆପଡ଼ା

୨- ଶ୍ରୀ ରାକେଶ ସାହୁ, ପିତା- ଶ୍ରୀ ଘନଶ୍ୟାମ ସାହୁ, ଗ୍ରାମ- ପାତାଲଘୁଟକୁରି, ଗ୍ରାମ ପଂଚାୟତ- ଆମାନାରା

(ଖ) ୧- ପୂର୍ବ ବୈଠକରେ ବ୍ଲକ ର ନିଜସ୍ୱ ଆୟ ରୁ Journalist Association ଗୃହ ର ମରାମତି ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା କିନ୍ତୁ ଆବଶ୍ୟକତା ଅନୁଯାଇ Journalist Association ଗୃହ ର ସମ୍ପୂର୍ଣ୍ଣ କରଣ ପାଇଁ ଅଦ୍ୟ ବୈଠକରେ ନିଷ୍ପତ୍ତି ନିଆଗଲା ।

୨- ପଞ୍ଚାୟତ ସମିତି ନଳକୂପ ସାମଗ୍ରୀ ଗୋଦାମ ଗୃହ ର ମରାମତି ।

୩- ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଙ୍କ ଅଫିସ ଗୃହ ମରାମତି ।

୪- ସାରାବଙ୍ଗ ଗ୍ରାମ ପଂଚାୟତ ର ନିର୍ମାଣଧିନ କଲ୍ୟାଣ ମଣ୍ଡପ ର ସମ୍ପୂର୍ଣ୍ଣକରଣ ।



Scanned with OKEN Scanner

ସରକାରୀ କର୍ମଚାରୀଙ୍କ ସହଯୋଗ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରାଗଲା ।

ସଭାପତି, ନୂଆପଡା

ପରିପତ୍ର ସଂଖ୍ୟା- ୪୦୯ ତରିଖ- ୨୧-୦୧-୨୦୨୫

ଏହାର ଏକକିତା ନକଲ ମାନ୍ୟବର କ୍ୟାବିନେଟ ମନ୍ତ୍ରୀ, ଯୋଜନା ଓ ବିଭାଗ, ଓଡିଶା ସରକାର/ ମାନ୍ୟବର ସାଂସଦ ଲୋକସଭା, ନିର୍ବାଚନ ମଣ୍ଡଳୀ, କଳାହାଣ୍ଡି/ ସମସ୍ତ ସରପଞ୍ଚ, ନୂଆପଡା ବ୍ଲକ/ ପଂଚାୟତ ସମିତି ସଭ୍ୟ, ସଭ୍ୟା / ଜିଲ୍ଲା ପରିଷଦ ସଦସ୍ୟ ନୂଆପଡାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା

ପରିପତ୍ର ସଂଖ୍ୟା- ୪୧୦ ତରିଖ- ୨୧-୦୧-୨୦୨୫

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡା/ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନୂଆପଡା/ ଉପ-ଜିଲ୍ଲାପାଳ, ନୂଆପଡା/ ଜିଲ୍ଲା ପଂଚାୟତ ଅଧିକାରୀ, ନୂଆପଡାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା

ପରିପତ୍ର ସଂଖ୍ୟା- ୪୧୧ ତରିଖ- ୨୧-୦୧-୨୦୨୫

ଏହାର ଏକକିତା ନକଲ ଉପ- ଶାସନ ସଚିବ, ଉତ୍ତରାଞ୍ଚଳ ରାଜସ୍ୱ କମିସନର, ସମ୍ବଲପୁର/ଅନୁଶାସନ ସଚିବ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା

ପରିପତ୍ର ସଂଖ୍ୟା- ୪୧୨ ତରିଖ- ୨୧-୦୧-୨୦୨୫

ଏହାର ଏକକିତା ନକଲ ନୂଆପଡା ପଂଚାୟତ ସମିତି ଅନ୍ତର୍ଗତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡା



Signature valid
Digitally Signed.
Scanned with OKEN Scanner